# ଓଡିଶା ପୋଲିସ

## ନିଯୁକ୍ତି ବିଜ୍ଞାପନ

ଏସ୍.ଆଇ, ଡେପୁଟି ସୁବେଦାର, ସରଜେଣ୍ଟ, ବା ସମତୁଲ୍ୟ ଅବସର ପ୍ରାପ୍ତ ପୋଲିସ୍ ଅଫିସର ବ୍ୟକ୍ତିବିଶେଷଙ୍କ ପାଇଁ ୧୧୯ (ଏକଶହ ଉଣେଇଶ) ଗୋଟି ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରାର୍ଥୀମାନେ ନିମ୍ନଲିଖିତ ପୋଲିସ ଆଇ.ଜି. / ଡି.ଆଇ.ଜିଙ୍କ କାର୍ଯ୍ୟାଳୟ ମଧ୍ୟରୁ ଯେଉଁ କାର୍ଯ୍ୟାଳୟ ଅଧିନରେ କାର୍ଯ୍ୟ କରିବା ନିମନ୍ତେ ଇଚ୍ଛୁକ ଥିବେ କେବଳ ସେହି କାର୍ଯ୍ୟାଳୟକୁ ଆବେଦନ କରିପାରିବେ । ଦରଖାସ୍ତ ଗୁଡିକ ନିମ୍ନଲିଖିତ ପୋଲିସ ଆଇ.ଜି/ ଡି.ଆଇ.ଜିଙ୍କ କାର୍ଯ୍ୟାଳୟରେ ତା.୧୬.୦୩.୨୦୨୦ରିଖ ଅପରାହ୍ନ ୫.୩୦ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ ।

| କ୍ରମକ ସଂଖ୍ୟା | ରେଞ୍ଜ ଅଫିସର ଠିକଣା | ଖାଲି ଥିବା ପଦବୀର ସଂଖ୍ୟା |
|---|---|---|
| ୧. | ପୋଲିସ ଡି.ଆଇ.ଜି କେନ୍ଦ୍ରାଞ୍ଚଳ, କଟକ | ୩୩ |
| ୨. | ପୋଲିସ ଡି.ଆଇ.ଜି ଉତ୍ତର-କେନ୍ଦ୍ରାଞ୍ଚଳ ତାଳଚେର | ୨୦ |
| ୩. | ପୋଲିସ ଆଇ.ଜି. ପୂର୍ବାଞ୍ଚଳ, ବାଲେଶ୍ୱର | ୨୦ |
| ୪. | ପୋଲିସ ଡି.ଆଇ.ଜି ଦକ୍ଷିଣାଞ୍ଚଳ, ବ୍ରହ୍ମପୁର | ୧୩ |
| ୫. | ପୋଲିସ ଡି.ଆଇ.ଜି ଉତ୍ତରାଞ୍ଚଳ ସମ୍ବଲପୁର | ୨୩ |
| ୬. | ପୋଲିସ ଡି.ଆଇ.ଜି ପଶ୍ଚିମାଞ୍ଚଳ ରାଉରକେଲା | ୧୦ |
| | ସମୁଦାୟ | ୧୧୯ |

(୧)ଯୋଗ୍ୟତା:- ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ମନୋନୟନ ପାଇଁ ପରୀକ୍ଷା ଦେବା ନିମନ୍ତେ ଅବସର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ-

(କ) ଓଡିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଖ) ପ୍ରାର୍ଥୀଙ୍କର ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା ୬୨ ବର୍ଷରୁ ଅଧିକ ହୋଇନଥିବ ।

(ଗ) ସେ ଓଡିଆ ଭାଷା କହିପାରୁଥିବେ, ପଢିପାରୁଥିବେ ଓ ଲେଖିପାରୁଥିବେ ।

(ଘ) ତାଙ୍କର ଅକଳଙ୍କିତ ଚାକିରି ଥିବ ।

(ଙ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ଦଣ୍ଡିତ ହୋଇ ନଥିବେ ବା ନିଜର ଚାକିରୀକାଳରେ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନରେ କୌଣସି ଗୁରୁତର ଦଣ୍ଡରେ ଦଣ୍ଡିତ ହୋଇନଥିବେ ।

(ଚ) ପ୍ରାର୍ଥୀ କୌଣସି ଫୌଜଦାରୀ ମୋକଦ୍ଦମାରେ ସଂପୃକ୍ତ ନଥିବେ ।

(ଛ) ବିବାହିତ ହୋଇଥିଲେ ତାଙ୍କର ଏକାଧିକ ପତ୍ନୀ ନଥିବେ ।

(ଜ) ଓଡିଶା ପୋଲିସରେ ଏସ୍.ଆଇ., ଡେପୁଟି ସୁବେଦାର, ସରଜେଣ୍ଟ ପଦବୀରେ ଅବସର ଗ୍ରହଣ କରିଥିବେ ।

ଆବେଦନକାରୀ ଏକ ବର୍ଷ ନିମନ୍ତେ ପୁନଃ-ନିଯୁକ୍ତି ପାଇଁ ଚୁକ୍ତି ସମ୍ପାଦନ କରିବେ । ସନ୍ତୋଷଜନକ କାର୍ଯ୍ୟ ଏବଂ ଆବଶ୍ୟକତା ଦୃଷ୍ଟିରୁ ଚୁକ୍ତିକୁ ପରିବର୍ଦ୍ଧିତ କରାଯାଇପାରେ । ୬୪ ବର୍ଷ ବୟସ ପରେ କୌଣସି ପ୍ରାର୍ଥୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇପାରିବ ନାହିଁ ।

(୨) ପାରିଶ୍ରମିକ ହାର- ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ମାନଙ୍କର ନିଯୁକ୍ତି ପରେ ସେମାନଙ୍କୁ ନିର୍ଦ୍ଧାରିତ ମାସିକ ପାରିଶ୍ରମିକ ଟ.୧୬,୦୦୦/-ପ୍ରଦାନ କରାଯିବ ।

(୩)ଭତ୍ତା-ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ନିଯୁକ୍ତିରେ ପ୍ରାର୍ଥୀ ମାନଙ୍କୁ ନିମ୍ନଲିଖିତ ଭତ୍ତା ପ୍ରଦାନ କରାଯିବ ।

| | |
|---|---|
| (କ) ପୋଷାକପତ୍ର ସଫାସୁତୁରା ଭତ୍ତା | -ଟ.୬୫/- ମାସିକ |
| (ଖ) ପୋଷାକ ଭତ୍ତା | -ଟ.୩୮୫୬/- ବାର୍ଷିକ |

(୪) ନିଯୁକ୍ତି ପରୀକ୍ଷା ତାରିଖ ଏବଂ ସ୍ଥାନ- ନିଯୁକ୍ତି ପରୀକ୍ଷା ସଂପୃକ୍ତ ଆଇ.ଜି/ଡି.ଆଇ.ଜିଙ୍କ କାର୍ଯ୍ୟାଳୟ ଦ୍ୱାରା ସ୍ଥିରିକୃତ ସ୍ଥାନରେ ଆସନ୍ତା ତା.୨୩.୦୩.୨୦୨୦ ରିଖ ସକାଳ ୬.୩୦ ଘଟିକା ସମୟରେ ଅନୁଷ୍ଠିତ ହେବ । ନିଯୁକ୍ତି ପରୀକ୍ଷା ସମୟରେ ପ୍ରମାଣପତ୍ରର ତନଖି, ଡାକ୍ତରୀ ପରୀକ୍ଷା, ଲିଖିତ ପରୀକ୍ଷା, ଶାରୀରିକ ପରୀକ୍ଷା ଏବଂ ବ୍ୟକ୍ତିତ୍ୱ ପରୀକ୍ଷା ଅନୁଷ୍ଠିତ ହେବ ।

(୫) ଡାକ୍ତରୀ ପରୀକ୍ଷା- ପ୍ରଥମେ ପ୍ରାର୍ଥୀ ମାନଙ୍କର ଏକ ଡାକ୍ତରୀ ପରୀକ୍ଷା କରାଯିବ । ମେଡିକାଲ ବୋର୍ଡ ଦ୍ୱାରା ପ୍ରାର୍ଥୀ ମାନଙ୍କର ଶାରୀରିକ ସୁସ୍ଥତା ପରୀକ୍ଷା କରାଯିବ ଏବଂ ମେଡିକାଲ ବୋର୍ଡର ନିଷ୍ପତ୍ତି ଚୂଡାନ୍ତ ହେବ । ଯେଉଁ ପ୍ରାର୍ଥୀ ମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ ଅକୃତକାର୍ଯ୍ୟ ହେବେ, ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ । କେବଳ ଯେଉଁ ପ୍ରାର୍ଥୀମାନେ ଶାରୀରିକ ସୁସ୍ଥତା ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେମାନେ ନିଯୁକ୍ତି ପ୍ରକ୍ରିୟାର ପରବର୍ତ୍ତୀ ପରୀକ୍ଷାରେ ଅଂଶଗ୍ରହଣ କରିପାରିବେ ।

(୬) ଶାରୀରିକ ପରୀକ୍ଷା- ପ୍ରାର୍ଥୀ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହୋଇଥିବେ । ଦିନ ବା ରାତି ଯେ କୌଣସି ସମୟରେ ୮ ଘଣ୍ଟା କଠିନ ପରିଶ୍ରମ ଜନିତ କ୍ଷେତ୍ର ଡ୍ୟୁଟି କରିପାରିବାର ଦକ୍ଷତା ଥିବା ଦରକାର । ଶାରୀରିକ କ୍ଷମତା ଏବଂ କ୍ଷେତ୍ର ଡ୍ୟୁଟି ପରିଚାଳନା ଦକ୍ଷତା ମାପିବା ପାଇଁ ପ୍ରାର୍ଥୀ ମାନଙ୍କୁ ଏକ ଶାରୀରିକ ପରୀକ୍ଷା ଦେବାକୁ ପଡିବ । ପ୍ରାର୍ଥୀମାନେ ୫କି.ମି ଦୂରତା ପାଦରେ ଚାଲିକରି ଅତିକ୍ରମ କରିବା ପାଇଁ ୧ଘଣ୍ଟା ୨୦ ମିନିଟ୍ ସମୟ ଦିଆଯିବ । ଯେଉଁମାନେ ନିର୍ଦ୍ଧାରିତ ସମୟ ଭିତରେ ପହଞ୍ଚିବାରେ ଅକୃତକାର୍ଯ୍ୟ ହେବେ ସେମାନେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ ।

(୭)ବ୍ୟକ୍ତିତ୍ୱ ପରୀକ୍ଷା- ଯେଉଁ ପ୍ରାର୍ଥୀମାନେ ଡାକ୍ତରୀ ପରୀକ୍ଷା ଏବଂ ଶାରୀରିକ ପରୀକ୍ଷାରେ କୃତକାର୍ଯ୍ୟ ହେବେ, ସେମାନେ ଚୟନ ମଣ୍ଡଳୀ ( ସିଲେକ୍ସନ ବୋର୍ଡ) ଆଗରେ ବ୍ୟକ୍ତିତ୍ୱ ପରୀକ୍ଷା ଦେବେ । ସିଲେକ୍ସନ ବୋର୍ଡ ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ପଦ ନିମନ୍ତେ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବେ ।

ଯେଉଁମାନେ ପୁନଃ ନିଯୁକ୍ତି ପାଇବେ ସେମାନେ ପୋଲିସ ମହାନିର୍ଦ୍ଦେଶକ ତଥା ପୋଲିସ୍ ମହାନିରୀକ୍ଷକ, ଓଡିଶାଙ୍କ ପ୍ରସ୍ତାବିତ ପୋଷାକ ଓ ପରିଚୟ ଫଳକ ପିନ୍ଧିବେ ।

(୮)ପ୍ରାର୍ଥୀମାନେ ନିମ୍ନଲିଖିତ ପ୍ରମାଣପତ୍ର ଦରଖାସ୍ତ ସାଙ୍ଗରେ ଦେବେ-

ପ୍ରାର୍ଥୀ ମାନେ ନିମ୍ନଲିଖିତ ନିଜ ଦ୍ୱାରା ସ୍ୱାକ୍ଷର ହୋଇଥିବା ପ୍ରମାଣପତ୍ରର ନକଲ ନିଯୁକ୍ତି ଦରଖାସ୍ତ ସହ ଦାଖଲ କରିବେ ।

(କ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜର ଫଟୋଗ୍ରାଫ ।

(ଖ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା ଶିକ୍ଷା ଓ ବୟସ ସମ୍ବନ୍ଧୀୟ ପ୍ରମାଣପତ୍ର ର ଅବିକଳ ନକଲ ।

(ଗ) ନିଜ ଦ୍ୱାରା ସମ୍ପୂର୍ଣ୍ଣ ସ୍ୱାକ୍ଷର ହୋଇଥିବା କର୍ମଚ୍ୟୁତ ପ୍ରମାଣପତ୍ରର ଅବିକଳ ନକଲ ।

(ଘ)ଦୁଇଜଣ ଗ୍ରୁପ-ବି ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷର ହୋଇଥିବା ଦୁଇଗୋଟି ଚରିତ୍ରଗତ ପ୍ରମାଣପତ୍ର ।

ଆବେଦନକାରୀ ନିମ୍ନଲିଖିତ ନିର୍ଦ୍ଧାରିତ ଫର୍ମ ସମ୍ପୂର୍ଣ୍ଣ ଏବଂ ସଠିକ ଭାବରେ ପୂରଣ କରିବା ସହିତ ଆବଶ୍ୟକୀୟ କାଗଜପତ୍ର ପଠାଇବେ । ଯଦି କୌଣସି ପ୍ରାର୍ଥୀ ନିର୍ଦ୍ଧାରିତ ଫର୍ମ ଅସମ୍ପୂର୍ଣ୍ଣ ଭାବରେ କିମ୍ବା ନିର୍ଦ୍ଧାରିତ ସମୟସୀମା ପରେ ଦାଖଲ କରିବେ ସେମାନଙ୍କର ଆବେଦନ ପତ୍ର ବିଗ୍ରହ ଯୋଗ୍ୟ ହେବନାହିଁ ।

ପ୍ରାର୍ଥୀ ଆବେଦନ ଫର୍ମ ଓ ତତ୍ ସହିତ ବିଶଦ ବିବରଣୀ ଓଡିଶା ପୋଲିସ ୱେବ୍ ସାଇଟ୍ **www.odishapolice.gov.in** ରୁ ପାଇପାରିବେ ।

ପୋଲିସ ମହାନିର୍ଦ୍ଦେଶକ, ଓଡିଶାଙ୍କ ନିର୍ଦ୍ଦେଶକ୍ରମେ ।

ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ
(ହେଡ୍‌କ୍ୱାର୍ଟର)ଓଡିଶା, କଟକ

অবসর প্রাপ্ত এস্.আই / ଡେପୁଟି ସୁବେଦାର/ ସରଜେଣ୍ଟ ବା ସମତୁଲ୍ୟ ଅବସରପ୍ରାପ୍ତ ପୋଲିସ୍ ଅଫିସର ବ୍ୟକ୍ତି ବିଶେଷଙ୍କ ପାଇଁ ଖାଲିଥିବା ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀ ପୂରଣ ନିମନ୍ତେ ଦରଖାସ୍ତ ଫର୍ମ।

*******

(କ)

ସ୍ୱ ସ୍ୱାକ୍ଷରୀତ ଏକ ଗୋଟି ପାସ୍‌ପୋର୍ଟ ଫଟୋ ସଂଲଗ୍ନ କରିବାର ସ୍ଥାନ

୧.ସମ୍ପୂର୍ଣ୍ଣ ନାମ-

୨.ଲିଙ୍ଗ-

୩.ପିତା ବା ସ୍ୱାମୀଙ୍କ ନାମ-

୪.ବର୍ତ୍ତମାନର ଠିକଣା- (ପତ୍ରାଳାପ ପାଇଁ)-

୫.ସମ୍ପୂର୍ଣ୍ଣ ସ୍ଥାୟୀ ଠିକଣା-

୬.ଜନ୍ମ ତାରିଖ-

୭. ବୟସ ବିଜ୍ଞାପନ ପ୍ରକାଶିତ ତାରିଖ ସୁଦ୍ଧା- ଦିନ---ମାସ----ବର୍ଷ

୮.ଶିକ୍ଷାଗତ ଯୋଗ୍ୟତା-

୯.ଅବସର ଗ୍ରହଣ ପୂର୍ବରୁ ଅଳଙ୍କୃତ ପଦବୀ-

୧୦.କେଉଁ ସଂଗଠନ ବା ବିଭାଗରୁ ଅବସର ଗ୍ରହଣ ଥିଲେ-

୧୧.ବିଗତ ତିନି ନିଯୁକ୍ତିର ବିବରଣୀ, ତାରିଖ ଓ ସମୟ-

୧୨.ଅବସର ଗ୍ରହଣ ତାରିଖ-

୧୩.ଜାତୀୟତା-

୧୪.ଓଡିଆ କହି, ଲେଖି ଏବଂ ପଢିପାରୁଛନ୍ତି କି?-

୧୫.ବର୍ଗ-( ସାଧାରଣ ବର୍ଗ/ ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି)-

୧୬.ଚାକିରୀ କାଳ ମଧ୍ୟରେ ପ୍ରାର୍ଥୀଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମୋକଦ୍ଦମା, ଭିଜିଲାନ୍ସ ଅନୁସଂଧାନ/ମୋକଦ୍ଦମା ଏବଂ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଥିଲା କି ? ଯଦି ହଁ, ତେବେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡ ବିଧାନ କରାଯାଇଛି କି କିମ୍ବା ବର୍ତ୍ତମାନ ସୁଦ୍ଧା ତଦନ୍ତାଧିନ ଅଛି କି ? ତେବେ ତାହାର ସବିଶେଷ ବିବରଣୀ ।

୧୭. ଚାକିରୀ କାଳ ମଧ୍ୟରେ ପାଇଥିବା ପୁରସ୍କାର ଏବଂ ଦଣ୍ଡର ବିଶଦ ବିବରଣୀ (ଉପର ବ୍ୟତୀତ)-

୧୮.ଅବସର ପରେ ଅଳଂକୃତ କରିଥିବା ପଦବୀର ବିବରଣୀ (ଯଦି କିଛି ଥାଏ)-

୧୯. ଶାରୀରିକ ମାପ: ଉଚ୍ଚତା- ଓଜନ-

୨୦.ମୋବାଇଲ ନଂ-

୨୧.ଅନ୍ୟ କିଛି ତଥ୍ୟ ଦେବାକୁ ଚାହୁଁଥିଲେ-

(ଖ) ## ଘୋଷଣା

ମୁଁ ଶ୍ରୀ/ଶ୍ରୀମତୀ...................................................................
ପିତା...................................ଗ୍ରାମ...............................................
ପୋଃଅ....................................ଥାନା...............................................
ଜିଲ୍ଲା....................................................ଏତଦ୍ୱାରା ଘୋଷାଣା କରୁଅଛି କି, ଉପରୋକ୍ତ ତଥ୍ୟ ଗୁଡ଼ିକ ମୋର ଜ୍ଞାତସାରରେ ସଂପୂର୍ଣ୍ଣ ସତ୍ୟ ଅଟେ । ଏଥିମଧ୍ୟରୁ କୌଣସି ସମୟରେ କୌଣସି ତଥ୍ୟ ଅସତ୍ୟ ପ୍ରମାଣିତ ହେଲେ କୌଣସି କାରଣ ନ ଦର୍ଶାଇ ମୋର ନିଯୁକ୍ତି ଚୁକ୍ତି ବାତିଲ କରାଯିବ ।

ସ୍ଥାନ-

ତାରିଖ-

ଆବେଦନକାରୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର

(ଗ) ସ୍ପେଶାଲ ପୋଲିସ୍ ଅଫିସର ( ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ଘୋଷାଣା ।

ମୁଁ ଶ୍ରୀ/ଶ୍ରୀମତୀ...................................................................
ପିତା...........................................ଗ୍ରାମ...........................................
ପୋଃଅ....................................ଥାନା...............................................
ଜିଲ୍ଲା.......................................ଏତଦ୍ୱାରା ଘୋଷାଣା କରୁଅଛି କି, ସ୍ପେଶାଲ ପୋଲିସ୍ ଅଫିସର (ଏସ୍.ପି.ଓ) ଚୁକ୍ତିଭିତ୍ତିକ ପଦବୀରେ ନିଯୁକ୍ତି ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ନିମନ୍ତେ ଉଦ୍ଦିଷ୍ଟ ଶାରୀରିକ ପରୀକ୍ଷାରେ ଅଂଶ ଗ୍ରହଣ କରିବା ପାଇଁ ମୁଁ ସଂପୂର୍ଣ୍ଣ ସକ୍ଷମ ଓ ସୁସ୍ଥ । ପରୀକ୍ଷା ହେବା ସମୟରେ ମୁଁ କୌଣସି ଶାରୀରିକ ଆଘାତପ୍ରାପ୍ତ ହେଲେ କିମ୍ବା ଦୁର୍ଘଟଣାଗ୍ରସ୍ତ ହେଲେ ସେଥିପାଇଁ ସଂପୃକ୍ତ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

ସ୍ଥାନ-

ତାରିଖ-

ଆବେଦନକାରୀଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର